# HERITAGE CLUB

## GANGADHAR MEHER UNIVERSITY
AMRUTA VIHAR, SAMBALPUR




# Annual Report 2022-23

**Introduction:**

India is one of the most diverse lands found anywhere in the world and has been hailed as the most complex amalgamation of various cultural identities. The Heritage Club seeks to celebrate this diversity in ethnicity, traditions and beliefs that our beloved country has to offer and has achieved this through the medium of a culture exchange programmes, debates, heritage walks, historical tours, etc.

The aim of this club is to make History an inherent part and parcel of the everyday curriculum alongside other graduate-level subjects by way of providing for continuously active and practical learning. It also focuses on places of Importance, cultural or natural heritage as described in UNESCO world heritage as well as the State and Central Archaeological Survey of India. It is also an attempt to understand all aspects that demarcates the identity of our Indian Heritage or any other Heritage in the world. The club also tries to develop respect in students toward the diversity in cultures by hosting awareness programs at college on how to protect and preserve our monuments and heritage sites.

**Objectives:**

The History and Heritage club has several objectives, primarily focused on developing skills in students and researchers for interpreting and analyzing rich cultural histories.

1. Create awareness among the students about our rich cultural heritage.
2. It serves as a platform to raise historical awareness within and beyond the university.
3. The club aims to instill a sense of responsibility for the preservation and promotion of Indian Culture and Heritage in future generations.
4. Heritage club badge to become a part of the growing community of being a proud heritage protector.
5. Learning about the importance of Heritage related matters such as History, Archaeology, Inscriptions, Monuments, coins, museums etc.
6. Outreach programs and education on Museums
7. Conducting training programs and awareness programs for students in the field of History and Archaeology. Example: Excavation, exploration, Heritage walk, Trekking, Workshops, Documentation methods, debate, drawing, quiz etc.

8. Visit the museum for learning about ancient Antiquities, copper plates, inscriptions, coins, etc.

9. Conservations techniques at college as well as at Historical or Archaeological sites.

10. Conducting cultural, social and educational development programs such as symposiums, discussions, student fairs, festivals, conferences etc.

11. Additionally, the club fosters a positive and supportive attitude among its members, encouraging collaboration and mutual support.

12. Skills developed include understanding historical events, sites, community engagement, and Cultural Resource Management.

**MISSION**

- To uphold the constitutional duty of every Indian citizen.
- To value and preserve the rich heritage of our composite culture.

**Article 51 of the Indian Constitution-Fundamental Duties-IV-A**

- To take pride in the unique diversity of India's cultural identity.
- To encourage the education authorities to incorporate heritage education into the learning process.
- To inspire young minds to develop secular, cultural values and contribute to the sustainable growth of our nation.

**List of Activities**

Gangadhar Meher University, Sambalpur conducted the excavation and unearthed successive strata of floors, hearths and walls. The excavation at Asurgarh has produced a unique mass of datable antiquities. The coins of early historical period have been helpful in building up the chronology of the particular site. The earliest strata reprint early historical in nature. From this level two copper coins are reported. Two other copper coins are reported from the outer fortification area. These coins are square in shape and earlier reported in various early historical sites of Chhattisgarh and Western Odisha. Scholars identify these coins as elephant deity type of coins. The team consisted of Archaeological Survey of India and other scholars visited to the excavated site. On the World Heritage Week a heritage walk programme was conducted from Gopalji temple to Samaleswari temple.

Atula Kumar Pradhan..

Coordinator, Heritage Club





Team of Archaeological Survey of India visited the University to see the antiquities


REFERENCE SECTION



ASI team and scholars investigated the archaeological site





ASI team and scholars investigated the archaeological site

## ଅସୁରଗଡ଼ରେ ଏଏସ୍ଆଇ ବିଶେଷଜ୍ଞ ଦଳ

# ବର୍ଷା ପରେ ଆରମ୍ଭ ହେବ ପୁଣି ଖନନ

ସମ୍ବଲପୁର,୮/୯(ଭମିସ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ), ସମ୍ବଲପୁରର ଇତିହାସ ବିଭାଗ ପକ୍ଷରୁ ଗତ ଜୁନ୍ ମାସରେ ବରଗଡ଼ ଜିଲ୍ଲାର ବରପାଲି ବ୍ଲକ୍ ଅନ୍ତର୍ଗତ ଗୋପେଇପାଲିର ଅସୁରଗଡ଼ରେ ଖନନ କରାଯାଇଥିଲା। ଏହି ଖନନ ସମୟରେ ପ୍ରାଚୀନ ଇତିହାସ ସଂପର୍କିତ ତଥ୍ୟ ଲୋକଲୋଚନକୁ ଆସିଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାର ସଂରକ୍ଷଣ ପାଇଁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାକୁ ପତ୍ର ଲେଖିଥିଲେ। ଏହି ପରିପ୍ରେକ୍ଷୀରେ ଆଜି ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥା(ଏଏସ୍ଆଇ) ଉତ୍ଖନନ ଶାଖା-୪ର ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ଡ. ସୁକାନ୍ତ କୁମାର କରଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଦଳ ବରପାଲି ନିକଟସ୍ଥ ଉକ୍ତ ସ୍ଥାନ ପରିଦର୍ଶନ କରିଛନ୍ତି । ଏଥିରେ ଜିଏମ୍ୟୁର ଉତ୍ଖନନ ନିର୍ଦ୍ଦେଶକ ଡ. ଅତୁଲ କୁମାର ପ୍ରଧାନ ଏବଂ



ସହ ନିର୍ଦ୍ଦେଶକ ଡ. ଉମାକାନ୍ତ ମିଶ୍ର ସାମିଲ ହୋଇଥିଲେ । ଉକ୍ତ ସର୍ବେକ୍ଷଣ ଦଳ ସେଠାର ପଶ୍ଚିମ ଭାଗରେ ଦୃଶ୍ୟମାନ ହେଉଥିବା କିଛି ପୁରାତନ ମାଟିପାତ୍ର ନମୁନା ସଂଗ୍ରହ କରିଛନ୍ତି । ବର୍ଷା ପରେ ଅନୁକୂଳ ପାଗ ସମୟରେ ପୁନର୍ବାର ଏହି ସ୍ଥାନର ସର୍ବେକ୍ଷଣ କରାଯିବ ବୋଲି ଡ. କର ସୂଚନା ଦେଇଛନ୍ତି । ପ୍ରତ୍ନତତ୍ତ୍ୱ ବିଭାଗର ସହାୟକ ପ୍ରତ୍ନତତ୍ତ୍ୱବିତ୍ ଡ. ଆଶିଷ ରଂଜନ ସାହୁ, ଭିଡ଼ିଓଗ୍ରାଫର ଦେବାଶିଷ ମିଶ୍ର, ଜିଏମ୍ୟୁର ଚୂଡ଼ାମଣି ରଣା ପ୍ରମୁଖ ଏହି ଦଳର ସାମିଲ ଥିଲେ। ସୂଚନାଯୋଗ୍ୟ ଯେ, ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ଜୁନ୍ ମାସରେ ୬୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ଟିମ୍ ଉତ୍ଖନନ ପ୍ରକଳ୍ପର ଅଂଶଗ୍ରହଣ କରିଥିଲେ । ଏହି ସମୟରେ ଏଠାରେ ମିଳିଥିବା ପ୍ରାଚୀନ ମୁଦ୍ରା, ମୋହର, ମାଳା, ଲୌହ ସାମଗ୍ରୀ, ମାଟି ଓ କୃଷ୍ଣ ଲୋହିତ ପାତ୍ର ପ୍ରଭୃତି ଅବଶେଷରୁ ଏଠାରେ ୨ ହଜାର ବର୍ଷ ପୂର୍ବରୁ ସଭ୍ୟତା ରହିଥିବା ଅନୁମାନ କରାଯାଇଥିଲା।। ବିଭିନ୍ନ ପାରମ୍ପାରିକ ପଦ୍ଧତିରେ ଏଠାରେ ସାମଗ୍ରୀ ସବୁ ନିର୍ମାଣ କରାଯାଉଥିଲା ଏବଂ ଏଠାର ଅନ୍ୟ ସ୍ଥାନ ସହିତ ବ୍ୟବସାୟିକ ସମ୍ପର୍କ ରହିଥିଲା। ପ୍ରାପ୍ତ ତଥ୍ୟର ବ୍ୟବସାୟିକ ବିଶ୍ଳେଷଣ ଅନୁଯାୟୀ ଏଠାରେ ଉନ୍ନତ ନଗର ସଭ୍ୟତା ଗଢ଼ି ଉଠିଥିଲା ବୋଲି ଅନୁମାନ କରାଯାଇଛି।

# ଅସୁରଗଡ଼ରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଦଳ

ସମ୍ବଲପୁର,୮।୯ (ସିଟି): ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଉତ୍ଖନନ ଶାଖା-୪ର ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ଡଃ ସୁଶାନ୍ତ କୁମାର କରଙ୍କ ନେତୃତ୍ୱରେ ଏକ ଦଳ ଗୁରୁବାର ବରପାଲିସ୍ଥିତ ଅସୁରଗଡ଼ ପରିଦର୍ଶନ କରିଛନ୍ତି । ନିର୍ଦ୍ଦେଶକ ତଥା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡଃ ଅତୁଲ କୁମାର ପ୍ରଧାନ ଓ ସହ ନିର୍ଦ୍ଦେଶକ ଡଃ ଉମାକାନ୍ତ ପଣ୍ଡା ଏହି ପରିଦର୍ଶନରେ ସାମିଲ ଥିଲେ । ବର୍ଷା ମାସ ଯୋଗୁଁ ସମ୍ପୃକ୍ତ ଅଞ୍ଚଳ ଘଞ୍ଚ ଜଙ୍ଗଲରେ ଆଚ୍ଛାଦିତ ରହିଥିବାରୁ ସର୍ବେକ୍ଷଣ ସହଜ ନ ଥିଲା; ତଥାପି ବିଶେଷଜ୍ଞ ଦଳ କିଛି ମାଟି ପାତ୍ରର ନମୁନା ସଂଗ୍ରହ କରିଛନ୍ତି । ଗ୍ରୀଷ୍ମ ଋତୁରେ ପାଗ ଅନୁକୂଳ ଦେଖି ପୁନଶ୍ଚ ଏହି ଦଳ ଅସୁରଗଡ଼ ସର୍ବେକ୍ଷଣ କରିବେ ବୋଲି ଡଃ କର କହିଛନ୍ତି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ଉତ୍ଖନନରେ ଏଠାରୁ ପ୍ରାଚୀନ ଇତିହାସର ସାକ୍ଷ୍ୟପ୍ରମାଣ ମିଳିଥିଲା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାର ସଂରକ୍ଷଣ ନିମନ୍ତେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାକୁ ପତ୍ର ଲେଖିଥିଲେ । ଗୁରୁବାର ଏହି ଦଳରେ ସହାୟକ ପ୍ରତ୍ନତତ୍ତ୍ୱବିତ୍ ଡଃ ଆଶିଷ ରଞ୍ଜନ ସାହୁ, ଛାୟା ଚିତ୍ରକାର ଦେବାଶିଷ ମିଶ୍ର, ଜିଏମ୍ୟୁର ଗବେଷକ ଚୂଡ଼ାମଣି ରଣା ସାମିଲ ଥିଲେ ।



# ଅସୁରଗଡ଼ରେ କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଟିମ୍



ଅସୁରଗଡ଼ରେ କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗର ଟିମ୍।

ସମ୍ବଲପୁର,୮।୯(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ) ଇତିହାସ ବିଭାଗ ଦ୍ୱାରା ଅସୁରଗଡ଼ରେ ଉତ୍ଖନନ କରାଯାଇ ପ୍ରାଚୀନ ଇତିହାସ ସାମ୍ରାଜ୍ୟ ଥିବା ନେଇ ପ୍ରମାଣ ମିଳିଥିଲା। ଏହାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହାର ସଂରକ୍ଷଣ ଓ ସୁରକ୍ଷିତ ରଖିବା ପାଇଁ ଜିଏମ୍ୟୁ ପକ୍ଷରୁ ଅନୁରୋଧ କରାଯାଇଥିଲା। ଜିଏମ୍ୟୁର ଅନୁରୋଧକ୍ରମେ ଗୁରୁବାର ଅସୁରଗଡ଼କୁ କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଉତ୍ଖନନ ଶାଖା-୪ର ଏକ ଟିମ୍ ପହଞ୍ଚିଥିଲେ। ପ୍ରତ୍ନତତ୍ତ୍ୱବିତ୍ ଡ. ସୁଶାନ୍ତ କୁମାର କରଙ୍କ ନେତୃତ୍ୱରେ ଟିମ୍ ଆସିଥିଲେ। ସେମାନେ ବରପାଲିସ୍ଥିତ ଅସୁରଗଡ଼ ଯାଇ ସ୍ଥିତି ପରଖିଥିଲେ। ଏଥିରେ ଉତ୍ଖନନ ନିର୍ଦ୍ଦେଶକ ତଥା ଜିଏମ୍ୟୁ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡ. ଅତୁଳ କୁମାର ପ୍ରଧାନ, ସହନିର୍ଦ୍ଦେଶକ ଡ. ଉମାକାନ୍ତ ମିଶ୍ର ଉପସ୍ଥିତ ଥିଲେ। ବର୍ଷା ଯୋଗୁ ଉତ୍ଖନନ କାର୍ଯ୍ୟ ବନ୍ଦ ରହିଛି। ଜଙ୍ଗଲରେ ଅନାବନା ଲତା ହୋଇଥିବାରୁ ସର୍ବେକ୍ଷଣରେ ବାଧା ସୃଷ୍ଟି ହେବ। ଏଣୁ ବର୍ଷା ସମୟ ଯାଇ ଗ୍ରୀଷ୍ମଋତୁରେ ଖନନ କାର୍ଯ୍ୟ ଆରମ୍ଭ କରାଯିବ। ଏଥିପାଇଁ ସରକାରଙ୍କ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଡ. କର ପ୍ରତିଶ୍ରୁତି ଦେଇଥିଲେ।

02 The Statesman
BHUBANESWAR, FRIDAY 09 SEPTEMBER 2022

# ASI Team, GMU staff, students visit Asurgarh for survey

STATESMAN NEWS SERVICE
SAMBALPUR, 8 SEPTEMBER

Few months back, the History department of Gangadhar Meher University (GMU) conducted an excavation near Asurgarh near Barpali in Bargarh district and brought many old materials of archaeological importance to light from the spot.

This drew the attention of not only scholars, but also both governments in state and centre.

And as per the initiative of Education Minister Dharmendra Pradhan, a three member team from Archeological Survey of India (ASI), Bhubaneswar accompanied by staff and students from GMU visited the spot today to conduct further survey.

The HoD of History of GMU Dr Atul Kumar Pradhan who is also the director of this particular programme and assistant director Dr Umakanta Mishra, the superintendent of excavation branch of ASI Dr Susanta Kumar Kar and others visited Asurgarh on Thursday.

"But it was difficult for us since the spot is now covered by trees and herbs due to the rainy season. At the same time, the mud also came in our way to do the desired work," informed the Dr Pradhan. "But the team from ASI will come again in the summer season when the survey work and excavation will be easier and possible," he informed.

The assistant archaeologist of ASI Dr Asish Ranjan Sahu, photographer Debashis Mishra and research scholar from GMU Chudamani Rana were also in the team to conduct the desired survey.

# ବରପାଲି ଅସୁରଗଡ଼ରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଟିମ୍

ବରଗଡ଼,୮।୯(ଅପ୍ର):ବରଗଡ଼ ଜିଲ୍ଲାର ବରପାଲି ବ୍ଲକର ଅସୁରଗଡ଼ ଖନନରୁ ପ୍ରାପ୍ତ ପ୍ରାଚୀନ ଇତିହାସର ତଥ୍ୟଗତ ପ୍ରମାଣ ଲୋକଲୋଚନକୁ ଆସିବା ପରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଜରିଆରେ ଏହାର ସର୍ବେକ୍ଷଣ ପାଇଁ ଜନଦାବି ଉଠିଥିଲା। ଯାହାକୁ ଧ୍ୟାନରେ ରଖି ବରଗଡ଼ ବିଜେପି ତରଫରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଏହାର ସଂରକ୍ଷଣ ପାଇଁ ଅନୁରୋଧ କରି ଏଏସଆଇକୁ ଚିଠି କରିଥିଲେ। ଏହା ପରେ ଆଜି ଭାରତ ସରକାରଙ୍କ ଏଏସଆଇ ଟିମ ବରଗଡ଼ ଅସୁରଗଡ଼ ଗସ୍ତରେ ଆସି ସର୍ବେକ୍ଷଣ କରିଥିବା ଜଣାପଡ଼ିଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସଆଇ)ର ଉତ୍ଖନନ ଶାଖା-୪ର ଅଧିକ୍ଷଣ ପ୍ରତ୍ନତତ୍ତ୍ୱବିଦ ଡ଼.କୃଷ୍ଣାନ୍ତ କୁମାର କରଙ୍କ ନେତୃତ୍ୱରେ ଏକ ବୈଜ୍ଞାନିକ ଦଳ ଆଜି ବରପାଲି ଅସୁରଗଡ଼ରେ ପହଞ୍ଚି ସର୍ବେକ୍ଷଣ କରିବା ସହ ଭୌତିକ ପରିକ୍ରମଣ କରିଥିଲେ। ତାଙ୍କୁ ଅସୁରଗଡ଼ ପ୍ରାଚୀନ ସଭ୍ୟତା ଲୋକଲୋଚନକୁ ଆଣିଥିବା ଏହି ପ୍ରକଳ୍ପର ନିର୍ଦ୍ଦେଶକ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡ଼.ଅତୁଲ କୁମାର ପ୍ରଧାନ ଓ ସହ ନିର୍ଦ୍ଦେଶକ ଡ଼.ଉମାକାନ୍ତ ମିଶ୍ର ସହଯୋଗ କରିଥିଲେ। ବର୍ଷାଋତୁରେ ସମଗ୍ର ଅଞ୍ଚଳଟି ଅନାବନା ବୃକ୍ଷଲତାରେ ପରିପୂର୍ଣ୍ଣ ହୋଇଥିବା ସହ ମାଟି କୋମଳ ଥିବାରୁ ସର୍ବେକ୍ଷଣ କଷ୍ଟସାଧ ହୋଇଥିଲେ ମଧ୍ୟ ଏଏସଆଇ ଦଳ ଖନନ ହୋଇସାରିଥିବା ଅଂଶ ପରିସରରୁ ପଶ୍ଚିମ ଭାଗରେ ଦୃଶ୍ୟମାନ କିଛି ପ୍ରାଚୀନ ମାଟିପାତ୍ରର ନମୁନା ସଂଗ୍ରହ କରିଥିଲେ। ଏବଂ ଗ୍ରୀଷ୍ମରେ ପାଗ ଅନୁକୂଳ ହେଲେ ଗସ୍ତ କରି ପରବର୍ତ୍ତୀ



ପର୍ଯ୍ୟାୟରେ ଏହାର ସର୍ବେକ୍ଷଣ କରାଯିବ ବୋଲି ଡ଼. କର ସ୍ପଷ୍ଟ କରିଥିଲେ। ଏହି ଦଳରେ ଅନ୍ୟମାନଙ୍କ ମଧ୍ୟରେ ପ୍ରତ୍ନତତ୍ତ୍ୱ ବିଭାଗର ସହାୟକ ପ୍ରତ୍ନତତ୍ତ୍ୱବିଦ୍ ଡ଼.ଅଶିଷ ରଞ୍ଜନ ସାହୁ, ଛାୟା ଚିତ୍ରକର ଦେବାଶିଷ ମିଶ୍ର ଏବଂ ଜିଏମୟୁର ଗବେଷକ ଛାତ୍ର ଚୂଡ଼ାମଣି ରଣା ଉପସ୍ଥିତ ଥିଲେ। ତେବେ ଏଏସଆଇ ଟିମ୍ ଆଜି ଫେରିଯାଇଥିଲେ ମଧ୍ୟ ଅସୁରଗଡ଼ର ବୈଭବର ସମୀକ୍ଷା ଓ ସଂରକ୍ଷଣ ପାଇଁ ଆଗାମୀ ଦିନରେ ପୁଣିଥରେ ଆସିବାକୁ ଥିବାରୁ ବରଗଡ଼ ଇତିହାସପ୍ରେମୀମହଲରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି। ଏଠାରେ ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ଇତିହାସର ପ୍ରାଣକେନ୍ଦ୍ର ରହି ଆସିଥିବା ଅସୁରଗଡ଼ ଦୁର୍ଗ ପ୍ରାଗୈତିହାସିକ ମାନ୍ୟତା ବହନ କରୁଥିବାରୁ ସଭ୍ୟତାର ବିକାଶକ୍ରମ ଏବଂ ପ୍ରାଚୀନତା ଖୋଜି ବାହାର କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲାର ବରପାଲି ବ୍ଲକର ଗୋପେଇପାଲି ପଞ୍ଚାୟତ ଅନ୍ତର୍ଗତ ବରଗାଁ ଅସୁରଗଡ଼ରେ ଗତ ୨ ଜୁନରେ ଖନନ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ(ଜିଏମୟୁ)ର ଇତିହାସ ବିଭାଗ ତରଫରୁ ଖନନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଖନନ ନିର୍ଦ୍ଦେଶକ ତଥା ଜିଏମୟୁ ଇତିହାସ ବିଭାଗର ପ୍ରଫେସର ଡ଼.ଅତୁଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏବଂ ଜିଏମୟୁ ଇତିହାସ ବିଭାଗର ୪୦ ଜଣ ଛାତ୍ରଛାତ୍ରୀଙ୍କ ସହଯୋଗରେ ଖନନ କରାଯାଇଥିଲା। ବରଗଡ଼ର ପୂର୍ବତନ ସାଂସଦ ତଥା ଇତିହାସକାର ଏବଂ ଅର୍କିଓଲୋଜିଷ୍ଟ ଡ଼.ପ୍ରଭାସ କୁମାର ସିଂହ ଖନନ କାର୍ଯ୍ୟକୁ ଶୁଭାରମ୍ଭ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହି ସରପଞ୍ଚ ମୀତା ନାଏକ, ସମିତିସଭ୍ୟ ସ୍ୱେଚ୍ଛାସେବୀ ମହାଦେବ ପ୍ରଧାନ, ଡ଼.କୃଷ୍ଣାନ୍ତ କୁମାର ସିଂହ ଏବଂ ଗ୍ରାମବାସୀ ଜିଏମୟୁ ଟିମକୁ ଉତ୍ସାହିତ କରିଥିଲେ। ତେବେ ପ୍ରଥମ ଦିନର ଖନନରୁ ଦୁଇଟି ବିଶାଳ ବଡ଼ ପ୍ରାଚୀର ଓ ଦୁଇଟି ଗଡ଼ଖାଇ ଥିବା 'ଡ଼ବଲ ମୋଡ଼ ଡ଼ବଲ ଫୋର୍ଟ' ସ୍ଥିତି ସାମନାକୁ ଆସିଥିବାରୁ ଅସୁରଗଡ଼

## -ସଂଗ୍ରହ କଲେ ମାଟିପାତ୍ର ନମୁନା
## -ଗ୍ରୀଷ୍ମରେ ହେବ ପୂର୍ଣ୍ଣ ଖନନ

ଦୁଇହଜାର ବର୍ଷ ପ୍ରାଚୀନ ଥିବା ଅନୁମାନ କରାଯାଇ ଅଧିକ ଖନନ କରାଯାଇଥିଲା। ୧୦ ଦିନର ସର୍ବେକ୍ଷଣ ଓ ଖନନରୁ ବହୁ ପୁରୁଣା ମାଟିପାତ୍ର, ମୁଦ୍ରା ସହିତ ବହୁ ପ୍ରାଗୈତିହାସିକ ସାମଗ୍ରୀ ଚିହ୍ନଟ କରାଯାଇଥିଲା। ଓଡ଼ିଶାରେ ଥିବା ତିନୋଟି ଅସୁରଗଡ଼ ମଧ୍ୟରୁ ୧୯୭୧-୭୨ରେ ମଦନପୁର ଓ ରାମପୁର ଅସୁରଗଡ଼ରେ ଖନନ ହୋଇଥିବା ବେଳେ ବରପାଲି ଅସୁରଗଡ଼ରେ ହୋଇନଥିଲା। ଯାହାକୁ ଭିତ୍ତି କରି ଡ଼.ଅତୁଲ ପ୍ରଧାନ ଭାରତ ସରକାରଙ୍କଠାରୁ ଖନନ ଅନୁମତି ମାଗିଥିବା ବେଳେ ଅନୁମତି ମିଳିବା ପରେ ଖନନ କାର୍ଯ୍ୟ ଆରମ୍ଭ କରାଯାଇଛି। ହେଲେ ଖନନରୁ ଦୁର୍ଗ ବା ପ୍ରାସାଦ ଥିଲା କି ନାହିଁ, କେତେ ପ୍ରାଚୀନ ସଭ୍ୟତା ଥିଲା, ସହରୀ ସଭ୍ୟତା କେବେ ଆସିଲା, ଭାରତର କାଶୀ/ମଥୁରା/ପୁରୁଣା ରାଜଗୃହ ଅଞ୍ଚଳ ସହିତ ଏହାର ସମ୍ପର୍କ ଅଛିକି, ଦକ୍ଷିଣ କୋଶଳର ଏକ୍ସଟେନସନ କି ଏଭଳି କିଛି ଅନାଲୋଚିତ ପ୍ରସଙ୍ଗ ଲୋକଲୋଚନକୁ ଆସିପାରିନଥିବାରୁ ଅଧିକ ଖନନର ଆବଶ୍ୟକତା ଦେଖାଦେଇଥିଲା। ଯାହାକୁ ହୃଦୟଙ୍ଗମ କରି ବରଗଡ଼ ବିଜେପି ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ସୂଚନା ଦେବା ପରେ ଶ୍ରୀ ପ୍ରଧାନଙ୍କ ଉଦ୍ୟମକ୍ରମେ ଏଏସଆଇ ଟିମ ଆଜି ଅସୁରଗଡ଼ ପହଞ୍ଚିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି। ପ୍ରକାଶଥାଉକି, ବରପାଲି ଅସୁରଗଡ଼କୁ ପ୍ରଥମେ ପାଶ୍ଚାତ୍ୟ ଇତିହାସକାର ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ରାଇସ ଚାନସେଲର ସ୍ୱର୍ଗତ ଡ଼.ନବୀନ କୁମାର ସାହୁ ଖୋଜି ବାହାର କରିଥିଲେ ମଧ୍ୟ ଆଜିଯାଏଁ ଏହାରି ଖୋଳତାଡ଼ ଦିଗରେ କୌଣସି ପଦକ୍ଷେପ ନିଆଯାଇନଥିଲା ବେଳେ ଜିଏମୟୁର ଉଦ୍ୟମ ଏବଂ ଡ଼.ପ୍ରଧାନଙ୍କ ପ୍ରୟାସରୁ ଏହା ସମ୍ଭବପର ହୋଇଥିବା ବେଳେ ଏଏସଆଇର ଆଗମନ ହେବା ପରେ ବରଗଡ଼ ଇତିହାସକାର ମହଲ ସ୍ୱାଗତ କରିଛନ୍ତି।

News coverage of the programme







Celebration of World Heritage Week 2022


CELEBRATION
OF
WORLD HERITAGE WEEK
(19TH - 20TH NOVEMBER)
RITAGE WALK, HERITAGE TALK AND HERITAGE CLEANING
Organized b
SCHOOL OF HIS
AR MEHER UNIVERSITY
LPUR, ODISHA


CELEBRATION
OF
WORLD HERITAGE WEEK










Celebration of World Heritage Week 2022






Heritage walk in the World Heritage Week 2022



Prof. N. Nagaraju
Vice Chancellor

Gangadhar Meher University
Amruta Vihar, Sambalpur
Odisha

# CELEBRATION OF WORLD HERITAGE WEEK

**Date & Time - 20th November 2022, 07.30 AM**

**Venue - Gopalji Math, Rani Bakhri, Samalesari Temple, Sambalpur**

**EVENT: HERITAGE WALK, HERITAGE TALK AND HERITAGE CLEANING**

## Resource Person



**DIPAK PANDA**

**MEMBER, INTACH, SAMBALPUR CHAPTER**

**Organized By:**
**School of History**
**Gangadhar Meher University**

**Convener:** Dr. Atul Kumar Pradhan, HOD, School of History

**Patrons:** Prof. Susanta Kumar Das, Chairman, P.G. Council
Smt. Jugaleswari Dash, Registrar
Dr. Uma Charan Pati, Deputy Registrar

● ଜିଏମୟୁର ବିଶ୍ୱ ଐତିହ୍ୟ ସପ୍ତାହ

# ସମ୍ବଲପୁର ଏକ ଐତିହ୍ୟ ନଗରୀ



■ ସମ୍ବଲପୁର,ତା ୨୦।୧୧(ପିଏନଏସ) ବିଶ୍ୱ ଐତିହ୍ୟ ସପ୍ତାହ ଉପଲକ୍ଷେ ଜିଏମୟୁ ଇତିହାସ ବିଭାଗ ପକ୍ଷରୁ ସ୍ଥାନୀୟ ଗୋପାଳଜୀ ମଠ ପ୍ରଗତୀରେ ଏକ ଐତିହ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ସ୍ତରରେ ନଭେମ୍ବର ୧୯ରୁ ୨୫ପର୍ଯ୍ୟନ୍ତ ଐତିହ୍ୟର ସଂରକ୍ଷଣ ପାଇଁ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ମଧ ଇତିହାସ ବିଭାଗର ମୁଖ୍ୟ ଏବଂ ଅତୁଲ କୁମାର ପ୍ରଧାନଙ୍କ ନେତୃତ୍ୱରେ 'ସମ୍ବଲପୁରର ବିଶ୍ୱ ଐତିହ୍ୟ' ଶୀର୍ଷକ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ. ନାଗରାଜୁ, କୁଳସଚିବ ଯୁଗଳେଶ୍ୱରୀ ଦାଶ ଏବଂ ମୁଖ୍ୟବକ୍ତା ଭାବେ ସମ୍ବଲପୁର ଇନଟାକର ସଦସ୍ୟ ଦୀପକ କୁମାର ପଣ୍ଡା ଯୋଗ ଦେଇଥିଲେ।

ପ୍ରାରମ୍ଭରେ ସଂଯୋଜକ ଡ. ପ୍ରଧାନ ଏହି ବିଶ୍ୱ ଐତିହ୍ୟ ସପ୍ତାହ ପାଳନର ଉଦ୍ଦେଶ୍ୟ ଏବଂ ଏହାର ପ୍ରାସଙ୍ଗିକତା ବିଷୟରେ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଶ୍ରୀ ପଣ୍ଡା ସମ୍ବଲପୁରର ଐତିହ୍ୟ ଏବଂ ଏହାର ବୈଶିଷ୍ଟ୍ୟ ତଥା ଗୋପାଳଜୀ ମଠର ସ୍ଥାପନା ଏହାର କଳାତ୍ମକ ଐତିହ୍ୟ ବିଷୟରେ ପ୍ରକାଶ କରିଥିଲେ। କୁଳପତି ପ୍ରୋ. ନାଗରାଜୁ ସମ୍ବଲପୁରର ଐତିହ୍ୟର ସଂରକ୍ଷଣ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ। କୁଳସଚିବ ଯୁଗଳେଶ୍ୱରୀ ଦାଶ ଏଭଳି କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମତପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ୮୦ରୁ ଅଧିକ ଛାତ୍ରଛାତ୍ରୀ ଗୋପାଳଜୀ ମଠରୁ ସମ୍ଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ପର୍ଯ୍ୟନ୍ତ ଏବଂ ଐତିହ୍ୟ ପଦଯାତ୍ରା କରିଥିଲେ। ଛାତ୍ରଛାତ୍ରୀମାନେ ଏହି ଦୁର୍ଲଭ ଐତିହ୍ୟର ସଂରକ୍ଷଣ ପାଇଁ ବିଭିନ୍ନ ସ୍ଲୋଗାନ ମଧ ଦେଇଥିଲେ। ଏହି ପଦଯାତ୍ରାକୁ ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଲୋମାନେ ସମ୍ମିଳିତ ହୋଇ ଏଭଳି କାର୍ଯ୍ୟକ୍ରମକୁ ଭୂୟସି ପ୍ରଶଂସା କରିଥିଲେ। ସହରରେ ଡାତ୍ରଛାତ୍ରୀମାନେ ଏକ ଐତିହ୍ୟ ସଫେଇ କାର୍ଯ୍ୟକ୍ରମ କରିଥିଲେ।

# ଜିଏମ୍ୟୁ ଇତିହାସ ବିଭାଗର ବିଶ୍ୱ ଐତିହ୍ୟ ସପ୍ତାହ

ସମ୍ବଲପୁର,୨୦।୧୧(ବ୍ୟୁରୋ): ଗଙ୍ଗାଧର ମହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ବିଶ୍ୱ ଐତିହ୍ୟ ସପ୍ତାହ ପାଳିତ ହୋଇଛି। ବିଭାଗ ମୁଖ୍ୟ ଅତୁଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ସମ୍ବଲପୁରର ବିରଳ ଐତିହ୍ୟ ଶିର୍ଷକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅତିଥି ଭାବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍.ନାଗାରାଜୁ, କୁଳ ସଚିବ ଯୁଗଳେଶ୍ୱରୀ ଦାଶ ଏବଂ ମୁଖ୍ୟ ବକ୍ତା ଭାବରେ ଦିପକ କୁମାର ପଣ୍ଡା ଯୋଗ ଦେଇ ସମ୍ବଲପୁରର ଐତିହ୍ୟ ଓ ବୈଶିଷ୍ଟ ଉପରେ ଉପରେ ପ୍ରକାଶ କରିଥିଲେ। ଡ.ପ୍ରଧାନ ସପ୍ତାହ ପାଳନର ଉଦ୍ଦେଶ୍ୟ ଏବଂ ଏହାର ପ୍ରାସଙ୍ଗିକତା ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ପରେ ୮୦ରୁ ଅଧିକ ଛାତ୍ରଛାତ୍ରୀ ମଠ ଠାରୁ ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଶେଷରେ ଏକ ସଫେଇ କାର୍ଯ୍ୟକ୍ରମ କରିଥିଲେ।

# ବିଶ୍ୱ ଐତିହ୍ୟ ଦିବସରେ ପଦଯାତ୍ରା




ସମ୍ବଲପୁର,୨୦।୧୧(ସମିସ): ଆଜି ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ଅବସରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଐତିହ୍ୟ ପଦଯାତ୍ରା ହୋଇଥିଲା । ଇତିହାସ ବିଭାଗର ଛାତ୍ରଛାତ୍ରୀ ଗୋପାଳଜୀ ମଠ ଏବଂ ସମଲେଶ୍ୱରୀ ମନ୍ଦିରର ସ୍ଥପତି ଏବଂ ଐତିହାସିକ ବିଶେଷତ୍ୱ ସହିତ ପରିଚିତ ହୋଇଥିଲେ । ଗୋପାଳଜୀ ମଠରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଏନ. ନାଗାରାଜୁ ସ୍ଥାନୀୟ ଇତିହାସ ଓ କୀର୍ତ୍ତିରାଜୀ ସହ ସଭିଏଁ ପରିଚିତ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ବକ୍ତା ରୂପେ ଯୋଗଦେଇ ଇନଟାକ, ସମ୍ବଲପୁର ଚାପ୍ଟରର ସହ ଆବାହକ ଦୀପକ କୁମାର ପଣ୍ଡା ଗୋପାଳଜୀ ମଠ ନିର୍ମାଣର ପୃଷ୍ଠଭୂମି ଏହାର ବିଶେଷତ୍ୱ ଏଠାକାର ମୂର୍ତ୍ତିକଳାର ମହତ୍ତ୍ୱ ଆଦି ବର୍ଣ୍ଣନା କରିଥିଲେ । ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଅତୁଲ ପ୍ରଧାନ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# 'ଐତିହ୍ୟକୁ ସମ୍ବଲପୁରର ଅବଦାନ ଅତୁଳନୀୟ'

## ଜିଏମୟୁ ଇତିହାସ ବିଭାଗର ବିଶ୍ୱ ଐତିହ୍ୟ ସପ୍ତାହ ପାଳନ

ସମ୍ବଲପୁର,୨୦।୧୧(କାର୍ଯ୍ୟାଳୟ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ଇତିହାସ ବିଭାଗ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ଅବସରରେ ସ୍ଥାନୀୟ ଗୋପାଳଜୀ ମଠ ପ୍ରାଙ୍ଗଣରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱସ୍ତରରେ ନଭେମ୍ବର ୧୯ରୁ ୨୫ ତାରିଖ ଯାଏ ଐତିହ୍ୟର ସଂରକ୍ଷଣ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ଜିଏମୟୁ ଇତିହାସ ବିଭାଗ ମୁଖ୍ୟ ଡଃ ଅତୁଲ କୁମାର ପ୍ରଧାନଙ୍କ ନେତୃତ୍ୱରେ 'ସମ୍ବଲପୁରର ବିରଳ ଐତିହ୍ୟ' ଶୀର୍ଷକ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗରାଜୁ, କୁଳସଚିବ ଯୁଗଳେଶ୍ୱରୀ ଦାଶ ଏବଂ ମୁଖ୍ୟବକ୍ତା ଭାବରେ ଇନ୍‌ଟାକ୍ ସମ୍ବଲପୁର ଚାପ୍ଟରର ସଦସ୍ୟ ତଥା ଗବେଷକ ଦୀପକ କୁମାର ପଣ୍ଡା ଯୋଗ ଦେଇଥିଲେ । ସଂଯୋଜକ ଡଃ ପ୍ରଧାନ ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ପ୍ରାସଙ୍ଗିକତା ବିଷୟରେ ଆଲୋକପାତ କରିଥିଲେ । ସମ୍ବଲପୁରର ଐତିହ୍ୟ, ଏହାର ବୈଶିଷ୍ଟ୍ୟ ତଥା ଗୋପାଳଜୀ ମଠର ସ୍ଥାପନା ଏବଂ କଳାତ୍ମକ ଦିଗ ଉପରେ ଶ୍ରୀ ପଣ୍ଡା ବକ୍ତବ୍ୟ ରଖିଥିଲେ । ପ୍ରଫେସର ଏନ୍ ନାଗରାଜୁ ସମ୍ବଲପୁରକୁ ଐତିହ୍ୟ ନଗରୀ ବୋଲି କହିବା ସହ ଏଠାକାର ଐତିହ୍ୟର



ସଂରକ୍ଷଣ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମ ପରେ ଜିଏମୟୁ ଛାତ୍ରଛାତ୍ରୀମାନେ ଗୋପାଳଜୀ ମଠରୁ ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ପ୍ଲାକାର୍ଡ ଧରି ସଚେତନତା ସ୍ଲୋଗାନ ଦେଇ ଐତିହ୍ୟ ପଦଯାତ୍ରା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ରାଜାବଖରୀ, ମହାନଦୀ ଘାଟ ଆଦି ସଫେଇ ମଧ୍ୟ କରିଥିଲେ ।

ସମ୍ବାଦ

## ଜିଏମ୍‌ୟୁରେ ବିଶ୍ୱ ଐତିହ୍ୟ ସପ୍ତାହ

# 'ସ୍ଥାନୀୟ ଇତିହାସ ଓ କୀର୍ତ୍ତିରାଜି ସହ ସଭିଏଁ ପରିଚିତ ହୁଅନ୍ତୁ'

ସମ୍ବଲପୁର, ୨୦ /୧୧(ଇମିସ): ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ଅବସରରେ ଆଜି ଗଂଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଐତିହ୍ୟ ପଦଯାତ୍ରା ହୋଇଥିଲା। ଏହି ଅବସରରେ ଇତିହାସ ବିଭାଗର ଛାତ୍ରଛାତ୍ରୀ ଗୋପାଳଜୀ ମଠ ଏବଂ ସମଲେଶ୍ୱରୀ ମନ୍ଦିରର ସ୍ଥପତି ଏବଂ ଐତିହାସିକ ବିଶେଷତ୍ୱ ସହିତ ପରିଚିତ ହୋଇଥିଲେ। ଗୋପାଳଜୀ ମଠରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଗଂଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଏନ. ନାଗାରାଜୁ ସ୍ଥାନୀୟ ଇତିହାସ ଓ କୀର୍ତ୍ତିରାଜି ସହ ସଭିଏଁ ପରିଚିତ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଭଳି ପ୍ରତ୍ୟକ୍ଷ ଜ୍ଞାନ ଆହରଣ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ପ୍ରୋତ୍ସାହନ ଦେଇଚାଲିବ ବୋଲି କହିଥିଲେ। ଐତିହାସିକ କୀର୍ତ୍ତିରାଜିର ସଂରକ୍ଷଣ ପାଇଁ ସଭିଏଁ ତତ୍ପର ହେବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ବକ୍ତା ରୂପେ ଯୋଗଦେଇ ଇନ୍‌ଟାକ୍, ସମ୍ବଲପୁର ଚାପ୍ଟରର ସହ-ଆବାହକ ଦୀପକ କୁମାର ପଣ୍ଡା ଗୋପାଳଜୀ ମଠ ନିର୍ମାଣର ପୃଷ୍ଠଭୂମି, ଏହାର ବିଶେଷତ୍ୱ, ଏଠାକାର ମୂର୍ତ୍ତିକଳାର ମହତ୍ତ୍ୱ ଆଦି ବର୍ଣ୍ଣନା କରିଥିଲେ। ସମ୍ବଲପୁର ଦୁର୍ଗର ସ୍ୱରୂପ ଏବଂ ସମଲେଇ ଦରୋଜା ବାବଦରେ ମଧ୍ୟ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଇତିହାସ ବିଭାଗ ମୁଖ୍ୟ ଅତୁଲ କୁମାର ପ୍ରଧାନ କହିଲେ ଯେ ନଭେମ୍ବର ୧୯ ତାରିଖଠାରୁ ୨୫ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତରରେ ଐତିହ୍ୟ ସପ୍ତାହ ପାଳନ କରାଯାଉଛି। ଏ ଅବସରରେ ଐତିହ୍ୟ ପ୍ରତି ଆମର ଉତ୍ତର ଦାୟିତ୍ୱକୁ ସ୍ମରଣ କରିବା, ସମାଜରେ ସଚେତନତା ସୃଷ୍ଟି ଏବଂ ସଂରକ୍ଷଣକୁ ତ୍ୱରାନ୍ୱିତ କରିବାର ଆହ୍ୱାନ ରହିଥାଏ। ବିଶ୍ୱବିଦ୍ୟାଳୟର କୁଳସଚିବ ଯୁଗଳେଶ୍ୱରୀ ଦାଶ କହିଲେ ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ଓ ଏ ଅବସରରେ ଆୟୋଜିତ ପଦଯାତ୍ରା ଛାତ୍ରଛାତ୍ରୀଙ୍କ ପାଇଁ ବିରଳ ସୁଯୋଗ ଆଣିଛି। ଗୋପାଳଜୀ ମଠର ମହନ୍ତ ହୃଷୀକେଶ ଦାସ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ଗୋପାଳଜୀ ମଠ ଓ ସମଲେଶ୍ୱରୀ ମନ୍ଦିର ତଥା ଏହାରି ପରିସରରେ ଥିବା ସମଲେଇ ଦରୋଜା ବୁଲି ଦେଖିଥିଲେ।

SAMBALPUR Edition
Page No.7 November 21, 2022

# ବିଶ୍ୱ ଐତିହ୍ୟ ଦିବସରେ ପଦଯାତ୍ରା



।।ପ୍ରଭାନ୍ୟୁଇ୍।। ସମ୍ବଲପୁର,୨୦।୧୧ : ଆଜି ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ଅବସରରେ ଗଂଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଐତିହ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଇତିହାସ ବିଭାଗର ଛାତ୍ରଛାତ୍ରୀ ଗୋପାଲଜୀ ମଠ ଏବଂ ସମଲେଶ୍ୱରୀ ମନ୍ଦିରର ସ୍ଥପତି ଏବଂ ଐତିହାସିକ ବିଶେଷତ୍ୱ ସହିତ ପରିଚିତ ହୋଇଥିଲେ। ଗୋପାଲଜୀ ମଠରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଗଂଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଏନ. ନାଗାରାଜୁ ସ୍ଥାନୀୟ ଇତିହାସ ଓ କୀର୍ତ୍ତିରାଜୀ ସହ ସଭିଏଁ ପରିଚିତ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟକ୍ଷ ଜ୍ଞାନ ଆହରଣକୁ ବିଶ୍ୱବିଦ୍ୟାଳୟ ପ୍ରୋତ୍ସାହନ ଦେଇ ଚାଲିବ ବୋଲି କହିଥିଲେ। ଐତିହାସିକ କୀର୍ତ୍ତି ରାଜିର ସଂରକ୍ଷଣ ପାଇଁ ସଭିଏଁ ତତ୍ପର ହେବାକୁ ସେ ଆହ୍ୱାନ ଜଣାଇଥିଲେ। ସମ୍ମାନିତ ବକ୍ତା ରୂପେ ଯୋଗଦେଇ ଇନଟାକ, ସମ୍ବଲପୁର ଚାପ୍ଟରର ସହ ଆବାହକ ଦୀପକ କୁମାର ପଣ୍ଡା ଗୋପାଲଜୀ ମଠ ନିର୍ମାଣର ପୃଷ୍ଠଭୂମି, ଏହାର ବିଶେଷତ୍ୱ, ଏଠାକାର ମୂର୍ତ୍ତିକଳାର ମହତ୍ତ୍ୱ ଆଦି ବର୍ଣ୍ଣନା କରିଥିଲେ। ସମ୍ବଲପୁର ଦୁର୍ଗର ସ୍ୱରୂପ ଏବଂ ସମଲେଇ ଦରୋଜା ବାବଦରେ ମଧ୍ୟ ଆଲୋଚନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଅତୁଲ କୁମାର ପ୍ରଧାନ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଶ୍ୱ ବିଦ୍ୟାଳୟର କୁଳସଚିବ ଯୁଗଳେଶ୍ୱରୀ ଦାଶ ଉପସ୍ଥିତ ଥିଲେ।

Media coverage of the Programme